# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28 February - 2026

*********************************

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ କିଶୋରୀମାନଙ୍କ ପାଇଁ ଜରାୟୁ କର୍କଟ ଟୀକାକରଣ ଅଭିଯାନର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ କଲେ

– ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ୨୮ଟି ୧୦୮ ଆମ୍ବୁଲାନ୍ସର କଲେ ଲୋକାର୍ପଣ ମୁଖ୍ୟମନ୍ତ୍ରୀ

- ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା

- ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ଉଡ଼ାଣ ପରୀକ୍ଷଣ ସଫଳତାର ସହିତ ସମ୍ପନ୍ନ

ଏବଂ

- 'ବିଜ୍ଞାନରେ ମହିଳା : ବିକଶିତ ଭାରତ ସ୍ୱପ୍ନକୁ ଗତିଶୀଳ କରିବାର' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ ବିଜ୍ଞାନ ଦିବସ

English Pool/BBSR/R

# ପିଏମ୍-ରାଜସ୍ଥାନ

ଦେଶବ୍ୟାପୀ ହ୍ୟୁମ୍ୟାନ୍ ପାପିଲୋମା ଭାଇରସ୍ - HPV ଟିକାକରଣ ଅଭିଯାନର ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଛନ୍ତି । ୧୪ ବର୍ଷ ବୟସର କନ୍ୟାଙ୍କୁ ଏହି ଟିକାକରଣ ମାଧ୍ୟମରେ ଭବିଷ୍ୟତର ଗର୍ଭାଶୟ କର୍କଟ ରୋଗକୁ ପ୍ରତିହତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ରାଜସ୍ଥାନର ଆଜମେରଠାରେ ଏହି ଅଭିଯାନର ଶୁଭାରମ୍ଭ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ମହିଳା ସଶକ୍ତିକରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମହିଳାମାନଙ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସୁରକ୍ଷାକୁ ଏହା ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ଦେଶବ୍ୟାପୀ ମହିଳା ସଶକ୍ତିକରଣ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM)**

ରାଜସ୍ଥାନକୁ ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ୧୬ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

କରିଛନ୍ତି । ଟିକାକରଣ ପରେ ଶ୍ରୀ ମୋଦୀ ପିଲାମାନଙ୍କ ସହ ମତ ବିନିମୟ କରିଛନ୍ତି ।

ଭୁବନେଶ୍ୱର କୃଷି ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏଚ୍.ପି.ଭି. ଟୀକାକରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି ।

**- V/O -**

ଆଗାମୀ ୩ ମାସ ମଧ୍ୟରେ ଟୀକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରଥମ ମାସରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଟୀକା ଦିଆଯିବ । ପରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଟୀକା ପ୍ରଦାନ କରାଯିବ । ଟୀକାକରଣକୁ ଅଧିକ ସରଳ, ସହଜ କରିବା ନିମନ୍ତେ **'ୟୁ ୱିନ୍ ପୋର୍ଟାଲ'** ସହିତ ପ୍ରଯୁକ୍ତିବିଦ୍ୟା ଭିତ୍ତିକ କରାଯାଇଛି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ଶିକ୍ଷକ, ଅଭିଭାବକ, ଗ୍ରାମ ଓ ପଞ୍ଚାୟତିସ୍ତରୀୟ ନେତୃବୃନ୍ଦ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୮ଟି ୧୦୮ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

BBSR/R

# ରାଜ୍ୟସଭା ନିର୍ବାଚନ

ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ଦୁଇଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ପ୍ରଥମ ପ୍ରାର୍ଥୀଭାବେ ତୃତୀୟ ଆସନ ପାଇଁ ଡକ୍ଟର ସନ୍ତୃପ୍ତ ମିଶ୍ର ଓ ଦ୍ୱିତୀୟ ପ୍ରାର୍ଥୀଭାବେ ଚତୁର୍ଥ ଆସନ ପାଇଁ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମ ପ୍ରକାଶ କରିଛନ୍ତି। ଡାକ୍ତର ହୋତାଙ୍କୁ ଶ୍ରୀ ପଟ୍ଟନାୟକ ସାଧାରଣ ପ୍ରାର୍ଥୀଭାବେ ଘୋଷଣ କରିବା ସହ ସମର୍ଥନ କରିବାକୁ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଡକ୍ଟର ସନ୍ତୃପ୍ତ ମିଶ୍ର ବର୍ତ୍ତମାନ ଶ୍ରୀ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଅଛନ୍ତି। ଅନ୍ୟପକ୍ଷେ ବିଶିଷ୍ଟ ୟୁରୋଲୋଜିଷ୍ଟ ଡାକ୍ତର ଦତ୍ତେଶ୍ୱର ହୋତା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଓ କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି।

BBSR/R

# ବିକାଶ ମନ୍ଥନ

ଭୁବନେଶ୍ୱରଠାରେ ଯୋଜନା ଓ ସଂଯୋଜନା ବିଭାଗ ଏବଂ ରାଜ୍ୟ ସମନ୍ୱିତ ବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିକାଶ ମନ୍ଥନ ପ୍ରଥମ

ସଂସ୍କରଣର ଆଜି ଦ୍ୱିତୀୟ ଦିବସ 'ସୁରକ୍ଷିତ ଓଡ଼ିଶା ଅଧିବେଶନ' ସହ ଆରମ୍ଭ ହୋଇଛି। ବରିଷ୍ଠ ନୀତିନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନେ ଏକ ସୁରକ୍ଷିତ ସ୍ଥିତି ସ୍ଥାପକ ଭବିଷ୍ୟତ ସହ ପ୍ରସ୍ତୁତ ରାଜ୍ୟ ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ବିକଶିତ ଓଡ଼ିଶାର ସଂକଳ୍ପକୁ ସାକାର କରିବା ପାଇଁ ଅଭିବୃଦ୍ଧି ସହିତ ସୁରକ୍ଷା ବ୍ୟବସ୍ଥାକୁ ସମନ୍ୱିତ କରିବା ସରକାରଙ୍କ ମୁଖ୍ୟ ଆଭିମୁଖ୍ୟ ବୋଲି ଅଧିବେଶନରେ ଦର୍ଶାଯାଇଛି। ଆଲୋଚନା ୫ଟି ମୁଖ୍ୟ ପ୍ରସଙ୍ଗ– ବିକଶିତ ଓଡ଼ିଶା ପାଇଁ ଆଭ୍ୟନ୍ତରୀଣ ସୁରକ୍ଷା ଶାସନର ସୁଦୃଢ଼ୀକରଣ, ବିପର୍ଯ୍ୟୟ ପରିଚାଳନା ଏବଂ ସ୍ଥାୟୀ ଭିତ୍ତିଭୂମି, ଶକ୍ତି ଓ ସ୍ଥାୟୀ ବିକାଶ, ଆର୍ଥିକ ଶୃଙ୍ଖଳା– ଅଭିନବ ପୁଞ୍ଜି ବିନିଯୋଗ, ସ୍ଥାୟୀ ଖଣିଜ ଉତ୍ତୋଳନ ଓ ଧାତବ ଶିଳ୍ପ ଉପରେ ଆଧାରିତ ଥିଲା।

## ଡିଆରଡିଓ ଏୟାର ଡିଫେନ୍ସ ସିଷ୍ଟମ୍

ଓଡ଼ିଶାର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟିରୁ ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ଉଡ଼ାଣ ପରୀକ୍ଷଣ ସଫଳତାର ସହ ସଂପନ୍ନ ହୋଇଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ-ଡିଆରଡିଓ ପକ୍ଷରୁ ୩ଟି କ୍ରମାଗତ ଭାବେ ଦୂରଗାମୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ଉଡ଼ାଣ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ଏହି ପରୀକ୍ଷଣରେ ବିଭିନ୍ନ ସ୍ତରର ଗତି, ବ୍ୟାପକତା ଏବଂ ଆକାଶପଥର ଉଚ୍ଚରେ ରହିଥିବା ଆହ୍ୱାନକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ

ଏଭଳି ପରୀକ୍ଷଣ କରାଯାଇଛି । ପରୀକ୍ଷଣ ବେଳେ ଏହି ପ୍ରଣାଳୀ ସଫଳତାର ସହିତ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ପ୍ରତିହତ କରିପାରିଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ସଶସ୍ତ୍ର ବାହିନୀ ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

Desk

## ଜାତୀୟ ବିଜ୍ଞାନ ଦିବସ

ଜାତୀୟ ବିଜ୍ଞାନ ଦିବସ ଆଜି ପାଳନ କରାଯାଉଛି। ପ୍ରଖ୍ୟାତ ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା ଫେବୃଆରୀ ୨୮, ୧୯୨୮ ମସିହାରେ ଆବିଷ୍କୃତ ରମଣ ପ୍ରଭାବକୁ ଚିହ୍ନିତ କରିବା ଉଦ୍ଦେଶ୍ୟ ନେଇ ୧୯୮୭ ମସିହାରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି **"ବିଜ୍ଞାନରେ ମହିଳା: ବିକଶିତ ଭାରତ ସ୍ୱପ୍ନକୁ ଗତିଶୀଳ କରିବା ।"** । ରମଣ ପ୍ରଭାବ ଆବିଷ୍କାର ପାଇଁ ସାର୍ ସି.ଭି.ରମଣଙ୍କୁ ନୋବେଲ ପୁରସ୍କାର ମିଳିଥିଲା।

ଜାତୀୟ ବିଜ୍ଞାନ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହିତ ଗବେଷଣା, ଜାତୀୟ ବିକାଶ ଏବଂ ବିଶ୍ୱ କଲ୍ୟାଣ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସି.ଭି.ରମଣଙ୍କ ବୈଜ୍ଞାନିକ ମନୋଭାବ, ନବଉନ୍ମେଷ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ଏକ ପ୍ରଗତିଶୀଳ ଓ ଉନ୍ନତ ଓଡ଼ିଶା ଗଢ଼ିବା ଦିଗରେ ସରକାରଙ୍କ ସଂକଳ୍ପକୁ ଦୃଢ଼ୀଭୂତ କରୁଛି।

Sambalpur

## ମହାନଦୀ ଜଳ ବିବାଦ

କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ମହାନଦୀ ଜଳ ବିବାଦ ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ ବେଲାଏମ ତ୍ରିବ୍ୱେଦୀ ଏବଂ ସଦସ୍ୟମାନେ ଆଜି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ଦର୍ଶନ କରିଛନ୍ତି। ଆକାଶମାର୍ଗରୁ ହୀରାକୁଦ ଡ୍ୟାମ ଓ ମହାନଦୀ ଅବବାହିକାର ସର୍ଭେ କରିବାର କାର୍ଯ୍ୟକ୍ରମ ରହିଛି। ଗତକାଲି ଟ୍ରିବ୍ୟୁନାଲ ହୀରାକୁଦ ବନ୍ଧ ଗସ୍ତ କରି ବାମପାର୍ଶ୍ୱର ସ୍ପିଲ୍‌ୱେ, ପାୱାରହାଉସ୍, କମାଣ୍ଡ ଅଞ୍ଚଳ ଓ ବରଗଡ଼ କେନାଲ ପରିଦର୍ଶନ କରିଥିଲେ। ସର୍ଭେ ପରେ ଟ୍ରିବ୍ୟୁନାଲ ସଦସ୍ୟ ଭୁବନେଶ୍ୱର ଗସ୍ତ କରିବାର କାର୍ଯ୍ୟସୂଚୀ ରହିଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

Puri

# ଅମୃତବେଳା ସ୍ନାନଯୋଗ

ପବିତ୍ର ଗୋବିନ୍ଦ ଦ୍ୱାଦଶୀ ଅବସରରେ ଆଜି ମହାପ୍ରଭୁ ଗୋବିନ୍ଦ ମହୋଦଧିରେ ଦିବ୍ୟସ୍ନାନ କରିଛନ୍ତି। ପୂର୍ବାହ୍ନ ୧୦ଟା ୧୮ ମିନିଟ୍‌ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ପୁରୀ ମହୋଦଧିରେ ଅମୃତବେଳା ସ୍ନାନଯୋଗରେ ବହୁ

ସାଧୁସନ୍ଥ ଓ ଭକ୍ତମାନେ ସ୍ନାନ କରିଛନ୍ତି। ଫାଲଗୁନ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ସୂର୍ଯ୍ୟ କୁମ୍ଭରାଶିରେ ଅବସ୍ଥାନ କରିଥିବାରୁ ଗୋବିନ୍ଦ ଦ୍ୱାଦଶୀ ସ୍ନାନଯୋଗ ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ସକାଳ ସାଢ଼େ ୮ଟାରୁ ସିଂହଦ୍ୱାରସ୍ଥିତ ଏମାର ମଠରୁ ଏକ ଶୋଭାଯାତ୍ରା ବାହାରି ଥିଲା। ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାରସ୍ଥିତ ଶ୍ରୀନାରାୟଣ ବିଜେ ଘାଟ ନିକଟରେ ପହଁଞ୍ଚିଥିଲେ। ମହୋଦଧିରେ ବରୁଣ ପୂଜା ଓ ଆଳତିପରେ ସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମହୋଦଧିରେ ସ୍ନାନକଲେ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

Baragarh

## ଅଗ୍ନିପଥ ଯୋଜନା

ଭାରତୀୟ ସେନାର ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ଭିତ୍ତିକ ନିଯୁକ୍ତି ପାଇଁ ଅନଲାଇନ୍ ମାଧ୍ୟମରେ ସାଧାରଣ ପ୍ରବେଶିକ ପରୀକ୍ଷା ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିପାଇଁ ଆଶାୟୀମାନେ ଭାରତୀୟ ସେନାର ୱେବସାଇଟ୍ www.joinindianarmy.nic.in ମାଧ୍ୟମରେ ଅନଲାଇନ୍‌ରେ ଆବେଦନ କରିପାରିବେ।

BHK

## ପୋଷ୍ୟ ସନ୍ତାନ ଗ୍ରହଣ

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ଶିଶୁ ସୁରକ୍ଷା କେନ୍ଦ୍ର ଓ ପ୍ରଶାସନ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ କରିବା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ଆଶା, ଅଙ୍ଗନବାଡ଼ି କର୍ମୀମାନେ ଯୋଗ ଦେଇଥିଲେ।

BHK

## ନୃତ୍ୟ ଉତ୍ସବ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବିଜୁ ସ୍ମୃତି ଭବନଠାରେ ରାଜ୍ୟସ୍ତରୀୟ ନୃତ୍ୟ ଉତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମହାପାତ୍ର ଏଥିରେ ଯୋଗଦେଇ ଲୋକକଳା ସଂସ୍କୃତି ପରମ୍ପରାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହ ବହୁ ବିଶିଷ୍ଟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

Rayagada

## ଭିନ୍ନକ୍ଷମ ସଶକ୍ତୀକରଣ

ରାୟଗଡ଼ ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଶିକ୍ଷା ଅଧିକାରୀଙ୍କ ସହଯୋଗରେ ଜିଲ୍ଲାର ୫ଟି ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା

ଆୟୋଜିତ ହୋଇଯାଇଛି । ବିଦ୍ୟାଳୟସ୍ତରରେ ଶିଶୁମାନଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ଅବଗତ କରାଯାଇଛି ।